# Finance Minister Smt Nirmala Sitharaman and Finance Minister of Bhutan Mr Lyonpo Namgay Tshering jointly launch BHIM–UPI in Bhutan

July 13, 2021

## ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ଭୁଟାନର ଅର୍ଥମନ୍ତ୍ରୀ ଶ୍ରୀ ଲିଓନପୋ ନାମଗେ ଶେରିଙ୍ଗ ମିଳିତ ଭାବେ ଭୁଟାନରେ ଭୀମ-ୟୁପିଆଇର ଶୁଭାରମ୍ଭ କରିଛନ୍ତି

ଜୁଲାଇ 13, 2021

**ଭୀମ-ୟୁପିଆଇର ଶୁଭାରମ୍ଭ ଦ୍ୱାରା 2019 ରେ ଭୁଟାନକୁ ଭାରତର ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଦୁଇ ଦେଶ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି**

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଭୁଟାନର ଅର୍ଥମନ୍ତ୍ରୀ ମାନ୍ୟବର ଶ୍ରୀ ଲିଓନପୋ ନାମଗେ ଶେରିଙ୍ଗଙ୍କ ସହ ମିଳିତ ଭାବେ ଆଜି ଅପରାହ୍ନରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଭୁଟାନରେ ଭୀମ-ୟୁପିଆଇର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରମନ୍ତ୍ରୀ (ଅର୍ଥ) ଡକ୍ଟର ଭଗବତ କିଶାନରାଓ କରାଡ, ଭୁଟାନର ରାଜକୀୟ ମୁଦ୍ରା ପ୍ରାଧିକରଣର ଗଭର୍ନର ଶ୍ରୀ ଦାଶୋ ପେଞ୍ଜୋର, ଆର୍ଥିକ ସେବା ବିଭାଗର ସଚିବ ଶ୍ରୀ ଦେବାଶିଷ ପଣ୍ଡା, ଭୁଟାନରେ ଭାରତର ରାଷ୍ଟ୍ରଦୂତ ଶ୍ରୀମତୀ ରୁଚିରା କାମ୍ବୋଜ, ଭାରତରେ ଭୁଟାନର ରାଷ୍ଟ୍ରଦୂତ ଜେନେରାଲ ଭି ନାମଗେଲ ଏବଂ ଏନସିପିଆଇ ବା ଭାରତୀୟ ରାଷ୍ଟ୍ରୀୟ ପରିଶୋଧ ନିଗମର ପ୍ରବନ୍ଧ ନିର୍ଦ୍ଦେଶକ ଓ ସିଇଓ ଶ୍ରୀ ଦିଲୀପ ଆସବେ ଯୋଗଦେଇଥିଲେ।

ଏହି ଅବସରରେ ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଭାରତର ପଡ଼ୋଶୀ ପ୍ରଥମ ନୀତି ଅନୁଯାୟୀ ଭୁଟାନରେ ଏହି ସେବା ଆରମ୍ଭ ହୋଇଛି ଏବଂ ନିଜର ସଫଳତା ପାଇଁ ଭାରତ ଗର୍ବିତ। ଆମର ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ ଦେଶରେ ଏହି ସେବା ପ୍ରଦାନ କରି ଆମେ ଖୁସି ଅନୁଭବ କରୁଛୁ। ଭୀମ-ୟୁପିଆଇକୁ ଏକ ଉଜ୍ଜ୍ୱଳତମ ସ୍ୱଟ ଭାବରେ ବର୍ଣ୍ଣନା କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ କୋଭିଡ-19 ମହାମାରୀ ସମୟରେ ଭାରତର ଡିଜିଟାଲ କାରବାର କ୍ଷେତ୍ରରେ ଏହା ସଫଳତା ହାସଲ କରିଛି। ଗତ 5 ବର୍ଷ ମଧ୍ୟରେ 100 ମିଲିୟନରୁ ଅଧିକ ୟୁପିଆଇ କ୍ୟୁଆର ସୃଷ୍ଟି କରାଯାଇଛି ଏବଂ 2020-21 ରେ ଭୀମ-ୟୁପିଆଇ 41 ଲକ୍ଷ କୋଟି ଟଙ୍କା ମୂଲ୍ୟର 22 ବିଲିୟନ କାରବାର ପ୍ରକ୍ରିୟାକରଣ କରିଛି।

ଭୁଟାନରେ ଭୀମ-ୟୁପିଆଇ ସେବା ଆରମ୍ଭ କରିଥିବାରୁ ଭୁଟାନର ଅର୍ଥମନ୍ତ୍ରୀ ଶ୍ରୀ ଲିଓନପୋ ନାମଗେ ଶେରିଙ୍ଗ ଭାରତ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ପ୍ରଶଂସା ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦିନକୁ ଦିନ ମଜବୁତ ହେଉଛି।

ଏହି ସେବାର ଶୁଭାରମ୍ଭ ଦ୍ୱାରା 2019 ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଭୁଟାନ ଗସ୍ତ ସମୟରେ ଦୁଇ ଦେଶ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ସେହି ଗସ୍ତ ପରେ ଭାରତ ଏବଂ ଭୁଟାନ ଦୁଇଟି ପର୍ଯ୍ୟାୟରେ ରୁପେ କାର୍ଡ ଗ୍ରହଣ କରିବାରେ ଆନ୍ତଃସଞ୍ଚାଳନୀୟତାକୁ କ୍ରିୟାଶୀଳ କରିସାରିଛନ୍ତି - ପ୍ରଥମ ପର୍ଯ୍ୟାୟରେ ଭୁଟାନ ସ୍ଥିତ ଟର୍ମିନାଲରେ ଭାରତରେ ଜାରି ହୋଇଥିବା ରୁପେ କାର୍ଡ ଗ୍ରହଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଭାରତ ସ୍ଥିତ ଟର୍ମିନାଲରେ ଭୁଟାନରେ ଜାରି ହୋଇଥିବା ରୁପେ କାର୍ଡ ଗ୍ରହଣ।

ଆଜି ଭୁଟାନରେ ଭୀମ-ୟୁପିଆଇ ସେବା ଆରମ୍ଭ ହେବା ଦ୍ୱାରା ଦୁଇ ଦେଶର ପରିଶୋଧ ଭିତ୍ତିଭୂମି ନିରବଚ୍ଛିନ୍ନ ଭାବରେ ସଂଯୁକ୍ତ ହୋଇଛି ଏବଂ ପ୍ରତିବର୍ଷ ଭାରତରୁ ଭୁଟାନ ଯାତ୍ରା କରୁଥିବା ବହୁ ସଂଖ୍ୟକ ପର୍ଯ୍ୟଟକ ଓ ବ୍ୟବସାୟୀ ଉପକୃତ ହେବେ। ଏହା ଏକ ବଟନ୍ ସ୍ପର୍ଶରେ ନଗଦବିହୀନ କାରବାର ମାଧ୍ୟମରେ ଜୀବନ ଏବଂ ଭ୍ରମଣକୁ ସୁଗମ କରିବ।

ଏହି ଅବସରରେ ଶ୍ରୀମତୀ ନିର୍ମଳା ସୀତାରମଣ ଭୁଟାନର ଓଜିଓପି ଆଉଟଲେଟରୁ ଏକ ଜୈବ ଉତ୍ପାଦ କିଣିବା ପାଇଁ ଭୀମ-ୟୁପିଆଇ ବ୍ୟବହାର କରି ଲାଇଭ କାରବାର କରିଥିଲେ। ଏହି ଆଉଟଲେଟ ଭୁଟାନର ସ୍ଥାନୀୟ ସମୁଦାୟ ଦ୍ୱାରା ଜୈବିକ ଉପାୟରେ ଉତ୍ପାଦିତ ତାଜା କୃଷି ଉତ୍ପାଦ ବିକ୍ରି କରିଥାଏ।

ନିଜର କ୍ୟୁଆର ନିୟୋଜନ ପାଇଁ ୟୁପିଆଇ ମାନକ ଗ୍ରହଣ କରିଥିବା ଭୁଟାନ ହେଉଛି ପ୍ରଥମ ଦେଶ ଏବଂ ଭୀମ ଆପ୍ ମାଧ୍ୟମରେ ମୋବାଇଲ ଆଧାରିତ ପରିଶୋଧକୁ ମଞ୍ଜୁରୀ ଦେଇଥିବା ଆମର ପ୍ରଥମ ପଡୋଶୀ ଦେଶ।

**ନୂଆଦିଲ୍ଲୀ**

**ଜୁଲାଇ 13, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.